# NATIONAL NEWS BULLETIN (ODIA)

## 30 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ପେଟ୍ରୋଲ ଓ ଡିଜେଲ୍‌ର ବିକ୍ରୟ ଏବଂ ବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଅସ୍ଥାୟୀ ନିୟାମକ ପଦକ୍ଷେପକୁ ପ୍ରତ୍ୟାହାର କଲେ ସରକାର ।
- ପଶ୍ଚିମବଙ୍ଗରେ ଏକକ ନାଗରୀକ ସଂହିତା ଲାଗୁ କରିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।
- କାତାରର ରାଜଧାନୀ ଦୋହାଠାରେ ଆଜିଠାରୁ ପୁଣିଥରେ ଆରମ୍ଭ ହେବ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା ।
- ବାର୍ଷିକ ଅମରନାଥ ଯାତ୍ରା ଆସନ୍ତା ୩ ତାରିଖରୁ ଆରମ୍ଭ, ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ପଦକ୍ଷେପ ।

ଏବଂ

- ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଜାପାନକୁ ୨-୧ ଗୋଲ୍‌ରେ ପରାସ୍ତ କଲା ବ୍ରାଜିଲ୍ ।

# ପେଟ୍ରୋଲିୟମ୍-ୱିଥ୍‌ଡ୍ର

ଦେଶ ବ୍ୟାପି ପେଟ୍ରୋଲ୍ ଏବଂ ଡିଜେଲ୍‌ର ବିକ୍ରୟ ଏବଂ ବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଅସ୍ଥାୟୀ ନିୟାମକ ପଦକ୍ଷେପକୁ ପ୍ରତ୍ୟାହାର କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଆସନ୍ତାକାଲିଠାରୁ ଏହା କାର୍ଯ୍ୟକାରୀ ହେବ । ସରକାରୀ କ୍ଷେତ୍ର ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ଖୁଚୁରା ବିକ୍ରୟ ପ୍ରତିଷ୍ଠାନ ମାଧ୍ୟମରେ ମୋଟର ସ୍ପିରିଟ୍ ଏବଂ ହାଇସ୍ପିଡ୍ ଡିଜେଲ୍ ବିତରଣ ଉପରୁ ଏହି ନିୟାବକ ପଦକ୍ଷେପ ପ୍ରତ୍ୟାହାର ହେବ ।

ପୋଟ୍ରୋଲିୟମ୍ ଉତ୍ପାଦର ଯୋଗାଣ ସ୍ଥିତି ସମୀକ୍ଷା କରିବା ପରେ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଉପଭୋକ୍ତାଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ସହିତ ଦେଶ ବ୍ୟାପି ପେଟ୍ରୋଲ୍ ଓ ଡିଜେଲ୍‌ର ପର୍ଯ୍ୟାପ୍ତ ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ଅସ୍ଥାୟୀ ନିୟାମକ ବ୍ୟବସ୍ଥା ଦେଶ ବ୍ୟାପି ପ୍ରଚଳନ କରାଯାଇଥିଲା । ପଶ୍ଚିମ ଏସିଆ ସଂକଟ ପରିସ୍ଥିତି ପରିପ୍ରେକ୍ଷୀରେ ଦେଶ ବ୍ୟାପି ଅସ୍ଥାୟୀ ଭାବେ ହାଇସ୍ପିଡ୍ ଡିଜେଲ୍ ବିକ୍ରୟର ସର୍ବାଧିକ ସମୟସୀମା ସ୍ଥିର କରିଥିଲେ । ଗତ ୧୨ ତାରିଖରୁ ଏହି ଅସ୍ଥାୟୀ ନିୟାମକ ପଦକ୍ଷେପ କାର୍ଯ୍ୟକାରୀ ହୋଇଥିଲା । ଏହାଦ୍ୱାରା ଖୁଚୁରା ବିକ୍ରୟ ପ୍ରତିଷ୍ଠାନ ଏବଂ ଶିଳ୍ପ ସଂସ୍ଥାଗତ ତଥା ବାଣିଜ୍ୟିକ ଗ୍ରାହକଙ୍କ

ପାଇଁ ପ୍ରତି ଦିନ ଗ୍ରାହକ କିମ୍ବା ଯାନ ପିଛା ୨୦୦ ଲିଟର ହାଇସ୍ପିଡ୍ ଡିଜେଲ୍ ବିକ୍ରୟ ସୀମାଧାର୍ଯ୍ୟ କରାଯାଇଥିଲା ।

# ପ୍ରେଜ୍-ଆନ୍ଧ୍ରପ୍ରଦେଶ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇ ଦିନିଆ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ବିଜୟ ନଗରମ୍‌ରେ ଆଜି କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ପ୍ରଥମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ଅବସରରେ ରାଷ୍ଟ୍ରପତି ଆସନ୍ତାକାଲି ଅନନ୍ତପୁରମୁରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହରେ ଯୋଗଦେବେ ।

# ସିଜେଆଇ ଆଇଡିଆ ଆଡ୍ରେସ୍

ଆଇନ୍‌ର ଶାସନ କ୍ଷମତା ଉପଯୋଗକୁ ଶୃଙ୍ଖଳାବଦ୍ଧ କରିଥାଏ ବୋଲି ପ୍ରଧାନ ବିଚାରପତି ଜଷ୍ଟସ୍ ସୂର୍ଯ୍ୟକାନ୍ତ କହିଛନ୍ତି । ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ଠାରେ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ଆସିସ୍‌ଷ୍ଟାନସ୍ – ଆଇ.ଡି.ଇ.ଏ. ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏହା କହିଛନ୍ତି । ସେ କହିଛନ୍ତି, ଆଇନ୍‌ର ଶାସନ ଏକ କଲ୍ୟାଣକାରୀ ଯୋଜନା କିମ୍ବା ଆର୍ଥିକ ନୀତି ନୁହେଁ । ବରଂ

ନାଗରିକଙ୍କୁ ସ୍ୱେଚ୍ଛାଚାରିତାରୁ ସୁରକ୍ଷା ପ୍ରଦାନ କରିଥାଏ । ଆଇନ୍‌ର ଶାସନ ସୁରକ୍ଷା – ଭାରତ ଏବଂ ସ୍ୱିଡେନ୍‌ରୁ ଅଭିଜ୍ଞତା ଶୀର୍ଷକ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ସମ୍ବୋଧନରେ ବ୍ୟକ୍ତିଗତ ସ୍ୱାଧୀନତା ନେଇ ସୁରକ୍ଷା, ଆଇନ୍‌ର ଶାସନ, ନ୍ୟାୟିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ଗଣତନ୍ତ୍ର ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ନ୍ୟାୟିକ ବ୍ୟବସ୍ଥା କୋର୍ଟ୍ ଗୁଡ଼ିକ ଉପରେ ନ୍ୟସ୍ତ କରାଯାଇଥିବା ଏକ ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କରିଛନ୍ତି । ଭାରତୀୟ ଆଇନ୍‌ଗତ ଚେତନାର ମୂଳ ତତ୍ତ୍ୱକୁ ଧର୍ମର ପ୍ରାଚୀନ ପରମ୍ପରା ସହ ସଂଶ୍ଲିଷ୍ଟ କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନ୍ୟାୟିକ ସ୍ୱାଧୀନତା ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ପ୍ରସଙ୍ଗ ଉପରେ ନିଜର ମତ ଉପସ୍ଥାପନ କରିଥିଲେ ।

## ଡବ୍ଲ୍ୟୁବି-ୟୁସିସି

ପଶ୍ଚିମବଙ୍ଗରେ ଏକକ ନାଗରିକ ସଂହିତା ଲାଗୁ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ଦୁଇ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ବିଲ୍‌ର ଚିଠା ପ୍ରସ୍ତାବ ଉପସ୍ଥାପନ କରାଯିବ । ଗୁଜରାଟ, ଉତ୍ତରାଖଣ୍ଡ ଏବଂ ଆସାମର ମଡେଲକୁ ଅନୁସରଣ କରି ଅବସରପ୍ରାପ୍ତ ସୁପ୍ରିମ୍‌କୋର୍ଟ୍ ବିଚାରପତି ଜଷ୍ଟିସ୍ ରଞ୍ଜନା ଦେଶାଇଙ୍କ ନେତୃତ୍ୱରେ ଏକ କମିଟି ଗଠନ

କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ବିବାହ, ଛାଡ଼ପତ୍ର, ପୋଷ୍ୟ ସନ୍ତାନ ଗ୍ରହଣ ସମେତ ମୋଟ୍ ୯ଟି ପ୍ରସଙ୍ଗ ଉପରେ ଏହି କମିଟି ସମୀକ୍ଷା କରିବା ସହ ୪ ସପ୍ତାହ ମଧ୍ୟରେ ଏହାର ରିପୋର୍ଟ୍ ଦାଖଲ କରିବ । ରିପୋର୍ଟ୍ ଆଧାରରେ ରାଜ୍ୟ ସରକାର ଏକକ ନାଗରୀକ ସଂହିତା ପ୍ରସ୍ତୁତ କରିବେ । ଅନୁସୂଚିତ ଜନଜାତି, କୁର୍ମି ଏବଂ ପ୍ରାଚୀନ ଜନଜାତି ସମ୍ପ୍ରଦାୟକୁ ଏହି ଆଇନ୍‌ର ପରିସର ମଧ୍ୟକୁ ନ ଆଣିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ସୂଚନା ଦେଇଛନ୍ତି ।

## ଇଣ୍ଡିଆ-ପାକ୍-ଆଫ୍‌ଗାନ

ଆଫ୍‌ଗାନିସ୍ତାନର ଆବାସିକ ଅଞ୍ଚଳ ଉପରେ ପାକିସ୍ତାନର ବିମାନ ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ପାକିସ୍ତାନର ଏଭଳି ଆକ୍ରମଣ ଆଫ୍‌ଗାନିସ୍ତାନର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ । ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ପାଇଁ ଏହା ବିପଦ ସୃଷ୍ଟି କରୁଛି ବୋଲି ମନ୍ତ୍ରଣାଳୟ କହିଛି । ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ଭାରତ ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟକାମନା କରିଛି । ଆଫ୍‌ଗାନିସ୍ତାନର ସାର୍ବଭୌମତ୍ୱ ଏବଂ କ୍ଷେତ୍ରିୟ ଅଖଣ୍ଡତା ପ୍ରତି ଭାରତ ସର୍ବଦା ସମର୍ଥନ ପ୍ରଦାନ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ପାକିସ୍ତାନର ଏହି ଆକ୍ରମଣରେ

ମହିଳା ଏବଂ ଶିଶୁଙ୍କୁ ମିଶାଇ ୩୬ ଜଣ ସାଧାରଣ ନାଗରୀକଙ୍କର ମୃତ୍ୟୁ ହୋଇଥିବାବେଳେ ୧୬୩ ଜଣ ଆହତ ହୋଇଛନ୍ତି ।

## ୟୁଏସ୍-ଇରାନ୍ ଟକ୍ସ

କାତାରର ରାଜଧାନୀ ଦୋହାଠାରେ ଆମେରିକା ଓ ଇରାନ୍ ମଧ୍ୟରେ ଆଜି ପୁଣି ଆଲୋଚନା ବୈଠକ ଆରମ୍ଭ ହେବ । ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ସାମୁଦ୍ରିକ ପରିବହନ ବ୍ୟବସ୍ଥା ଉପରେ ଆଲୋଚନା କେନ୍ଦ୍ରୀଭୁତ ହେବ ବୋଲି ଆଶା କରାଯାଉଛି । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଏହି ଜଳପଥ ଦେଇ ପରିବହନ କରାଯାଇଥାଏ । ଆମେରିକା ଏବଂ ଇରାନ୍ ମଧ୍ୟରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ସାନି ସଂଘର୍ଷ ପରିସ୍ଥିତିରେ ହର୍ମୁଜ ପ୍ରଣାଳୀ ଦେଇ ଯାତାୟତ ବାଧାପ୍ରାପ୍ତ ହୋଇଛି ।

ଫଳରେ ଏହି ଜଳପଥକୁ ସାର୍ବଜନୀନ କରିବା ପ୍ରୟାସ ଆଗକୁ ବଢ଼ିପାରିନାହିଁ । ଆମେରିକା ଏବଂ ଇରାନ୍‌ର ପ୍ରତିନିଧି ମଣ୍ଡଳୀ ଏକ ଅସ୍ଥାୟୀ ଯୁଦ୍ଧ ବିରତି ପାଇଁ ସହମତ ହୋଇଥିବା ଜଣାପଡ଼ିଛି । ଚଳିତ ମାସ ପ୍ରାରମ୍ଭରେ ଯୁଦ୍ଧ ସମାପ୍ତି ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ଏହାର ସଠିକ୍ କାର୍ଯ୍ୟକାରିତାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ହର୍ମୁଜ ପ୍ରଣାଳୀ ଦେଇ

ଜାହାଜ ଚଳାଚଳକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପୁନଃ ସଂଘର୍ଷ ଆରମ୍ଭ ହୋଇଥିଲା ।

## ଜେକେ-ଅମରନାଥ ଯାତ୍ରା

ବାର୍ଷିକ ଅମରନାଥ ଯାତ୍ରା ଆସନ୍ତା ତିନି ତାରିଖଠାରୁ ଆରମ୍ଭ ହେବ । ବିଭିନ୍ନ ପର୍ଯ୍ୟାୟରେ ୫୭ଦିନ ଧରି ଚାଲଇବାକୁ ଥିବା ଏହି ଯାତ୍ରା ପାଇଁ ଜୋରଦାର ପ୍ରସ୍ତୁତି ହୋଇଛି । ଶ୍ରଦ୍ଧାଳୁଙ୍କର ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ପ୍ରଦାନକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ଅଂଶିଦାରଙ୍କ ମଧ୍ୟରେ ଆନ୍ତଃ ସମନ୍ୱୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯାଉଛି । ତୀର୍ଥଯାତ୍ରୀଙ୍କ ପ୍ରଥମ ଦଳ ଜାମ୍ମୁ କାଶ୍ମୀରରେ ପହଞ୍ଚୁଛନ୍ତି । ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ, ତୀର୍ଥଯାତ୍ରୀ ରହୁଥିବା କ୍ୟାମ୍ପ୍ ଏବଂ ପବିତ୍ର ଗୁମ୍ଫା ପର୍ଯ୍ୟନ୍ତ ଥିବା ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରମାନ ସ୍ଥାପନ କରାଯାଇଛି । ଜାମ୍ମୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ୬୦୦ରୁ ଅଧିକ ଉଚ୍ଚ କ୍ଷମତା ସମ୍ପନ୍ନ ସି.ସି.ଟିଭି କ୍ୟାମେରା ମୁତୟନ କରାଯାଇଛି । ଇତିମଧ୍ୟରେ ଜାମ୍ମୁ କାଶ୍ମୀର ପୁଲିସ୍‌ର ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ ଏବଂ ଜାତୀୟ ସୁରକ୍ଷା ବାହିନୀ – ଏନ୍.ଏସ୍.ଜି. ଗତକାଲି ଜାମ୍ମୁର ଐତିହାସିକ ରଘୁନାଥ ମନ୍ଦିର ପରିସରରେ ଏକ ମିଳିତ ଆତଙ୍କବାଦ ନିରୋଧି ମକ୍‌ଡ୍ରିଲ୍ କରିଥିଲେ ।

# ଶିବରାଜ-ନର୍ଥଇଷ୍ଟ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜିଠାରୁ ଉତ୍ତର ପୂର୍ବାଞ୍ଚଳକୁ ଦୁଇଦିନିଆ ଗସ୍ତରେ ଯିବେ । ଆସାମରେ ସାମ୍ପ୍ରତିକ ବର୍ଷା ଜନିତ ବନ୍ୟା ପରିସ୍ଥିତିର ପ୍ରଭାବ ନେଇ ଗୁଆହାଟୀଠାରେ ଶ୍ରୀ ଚୌହାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଏଥିରେ ବନ୍ୟା ପରବର୍ତ୍ତୀ ପ୍ରଭାବ, ରିଲିଫ୍ ଯୋଗାଣ ସ୍ଥିତି ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି । ଶ୍ରୀ ଚୌହାନ ଆସନ୍ତାକାଲି ଅରୁଣାଚଳ ପ୍ରଦେଶର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ।

ସେଠାରେ ପ୍ରଭାବିତ ଗ୍ରାମ, କୃଷିକ୍ଷେତ୍ର ଆଦିର ଆକାଶମାର୍ଗରୁ ସର୍ଭେ କରିବା ସହ ରିଲିଫ୍ ଶିବିର ସ୍ଥିତି ନେଇ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ଅବସରରେ ବନ୍ୟା ପରିସ୍ଥିତି ତଥା ଅନ୍ୟାନ୍ୟ ପଦକ୍ଷେପ ନେଇ ମନ୍ତ୍ରୀ ଶ୍ରୀ ଚୌହାନ ଉଭୟ ରାଜ୍ୟର ବିଭାଗୀୟ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ତଥା ଅଂଶିଦାରଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଫସଲ କ୍ଷୟକ୍ଷତି ଆକଳନ, ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଫସଲ ବୀମା, ପ୍ରଭାବିତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା, ଭିତ୍ତିଭୂମି ପୁନଃ ନିର୍ମାଣ ଆଦି ପ୍ରସଙ୍ଗରେ ଶ୍ରୀ ଚୌହାନ ଆଲୋଚନା କରିବାର ସମ୍ଭାବନା ରହିଛି ।

# ଅଣସର-ଅଲାରନାଥ ଦର୍ଶନ

ପୁରୀରେ ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୋଇଛନ୍ତି । ଶ୍ରୀମନ୍ଦିରରେ ଆଜିଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି । ଅଣସର ସମୟରେ ପଟ୍ଟିଦିଅଁଙ୍କୁ ପୂଜା କରାଯିବାର ପରମ୍ପରା ରହିଛି । ସେହିଭଳି ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠାରେ ଆଜିଠାରୁ ଦର୍ଶନ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ଆସନ୍ତା ୧୪ ଦିନ ଧରି ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିପାରିବେ । ଏଥିପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ଫିଫା

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଜାପାନ୍‌କୁ ୨-୧ ଗୋଲ୍‌ରେ ବ୍ରାଜିଲ୍ ପରାସ୍ତ କରିଛି । ଆମେରିକାର ଟେକ୍‌ସାସ୍ ସ୍ଥିତ ହୋଷ୍ଟନ୍ ଷ୍ଟାଡିୟମ୍ ଠାରେ ରାଉଣ୍ଡ ୩୨ ପର୍ଯ୍ୟାୟର ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ରାଉଣ୍ଡ ୧୬ ପର୍ଯ୍ୟାୟ ମ୍ୟାଚ୍‌ରେ ଆସନ୍ତା ରବିବାର ଦିନ ବ୍ରାଜିଲ୍ ଆଇଭରି କୋଷ୍ଟ କିମ୍ବା ନରୱେ ସହ ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି । ଗ୍ରୁପ୍ ୩୨ ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍ ଜର୍ମାନ ଏବଂ ପାରାଗୁଏ ମଧ୍ୟରେ ଜାରି ରହିଛି । ଆମେରିକାର ବୋଷ୍ଟନ୍ ଷ୍ଟାଡିୟମ୍‌ଠାରେ

ଖେଳାଯାଉଥିବା ଏହି ମ୍ୟାଚ୍‌ରେ ମଧ୍ୟାନ୍ତର ସୁଦ୍ଧା ପାରାଗୁଏ ୧-୦ ଗୋଲ୍‌ରେ ଆଗୁଆ ରହିଥିଲା ।

ରାଉଣ୍ଡ ୧୬ ପର୍ଯ୍ୟାୟରେ କାନାଡ଼ା ପ୍ରଥମ ଦଳ ଭାବେ ଉନ୍ନିତ ହୋଇଛି । ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲ୍‌ରେ ପରାସ୍ତ କରି କାନାଡ଼ା ଏହି ସଫଳତା ପାଇଛି ।